بسم الله الرحمن الرحيم

**୨୧ ଜାନୁଆରୀ ୨୦୨୨ ଖୁତବା ଜୁମାର ସାରାଂଶ**
**ସ୍ଥାନ – ମସଜିଦ ମୁବାରକ୍ ଇସଲାମାବାଦ୍, ଲଣ୍ଡନ**

**ହଜରତ ମୁହମ୍ମଦ ସ.ଅଙ୍କର ସର୍ବୋଚ୍ଚ ସ୍ତରରେ ଅଧିଷ୍ଠିତ ମାର୍ଗଦର୍ଶୀ ଖଲିଫା ହଜରତ ଅବୁବକର୍ ସିଦ୍ଦିକ୍ (ସତ୍ୟବାଦୀ) ଅବ୍‌ଦୁଲ୍ଲାଃ ବିନ୍ ଉସମାନ୍ ର.ଅଙ୍କ ଉଚ୍ଚତମ ସ୍ତର ଓ ମନୋହର ଚରିତ୍ରର ବିଶ୍ୱାସ ବର୍ଦ୍ଧକ ଚର୍ଚ୍ଚା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମା ବାଦ୍‌ଫଂଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ହଜୁର ଅନ୍‌ୱର ଅ.ବ କହିଲେ; ସିରତ୍ ଖାତମୁନ୍ ନବୀଇନ୍‌ରେ ଉଲ୍ଲେଖ ରହିଛି । ମଦିନା ପହଂଚିବା ପରେ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଓଟ ସେଠାକାର ଦୁଇ ଜଣ ବାଳକ ସହଲ୍ ଓ ସୋହେଲ୍‌ଙ୍କ ଜମିରେ ବସି ପଡ଼ିଲା । ବସ୍ତୁତଃ ହଜୁର ସ.ଅ ଉକ୍ତ ଜମିକୁ ମସଜିଦ୍ ଓ ନିଜ ପରିଜନଙ୍କ ପାଇଁ ଘର ନିର୍ମାଣ କରିବା ପାଇଁ ମନସ୍ଥ କରିନେଲେ ଏବଂ ଆପଣ ସେହି ଦୁଇ ଭାଇଙ୍କ ଠାରୁ ୧୦ ଦିନାରରେ ଉକ୍ତ ଜମିଟିକୁ ଖରିଦ୍ କରିନେଲେ । ଯାହାର ମୂଲ୍ୟ ହଜରତ ଅବୁବକର ର.ଅଙ୍କ ଅର୍ଥ ମାଧ୍ୟମରେ ପୈଠ କରାଗଲା । ଗୋଟିଏ ବର୍ଣ୍ଣନାନୁଯାୟୀ ହଜୁର ସ.ଅ ଦୁଆ ପାଠ କରି ଉକ୍ତ ଜମିରେ ଭିତ୍ତି ସ୍ଥାପନ କରିଥିଲେ । ସେଥିଅନ୍ତେ ଆପଣ ହଜରତ ଅବୁବକର ର.ଅଙ୍କୁ କହିଲେ, ନିଜ ପଥର ମୋ ପଥର ସହିତ ସଂଲଗ୍ନ କରି ରଖ । ପୁନଶ୍ଚ ହଜରତ ଉମର ର.ଅଙ୍କୁ କହିଲେ, ନିଜ ପଥର ହଜରତ ଅବୁବକର ର.ଅଙ୍କ ପଥର ସହିତ ସଂଲଗ୍ନ କରି ରଖ ଏବଂ ହଜରତ ଉସମାନ ର.ଅଙ୍କୁ କହିଲେ, ନିଜ ପଥର ହଜରତ ଉମର ର.ଅଙ୍କ ପଥର ସହିତ ସଂଲଗ୍ନ କରି ରଖ । ମସଜିଦ୍ ନବୀର ସମସ୍ତ ନିର୍ମାଣ ଏବଂ ପୁନଃ ନିର୍ମାଣ ଉଭୟରେ ଅର୍ଥାତ ମୁହର୍ରମ୍ ୭ ହିଜ୍‌ରୀରେ ଖୈବର ଯୁଦ୍ଧ ବିଜୟ ପରେ ହଜୁର ସ.ଅ ନିଜ ସାହାବାମାନଙ୍କ ସାଥିରେ ସାମିଲ ହୋଇ ସ୍ୱୟଂ ସମ୍ପାଦନ କରିଥିଲେ ।

ସହି ବୁଖାରୀର ବ୍ୟାଖ୍ୟାରେ ଅଲ୍ଲାମାଃ କୁସ୍ତୁଲାନୀ ବର୍ଣ୍ଣନା କରିଛନ୍ତି; ଯେ ମୁସଲମାନମାନଙ୍କ ମଧ୍ୟରେ ଭାତୃଭାବର ସମ୍ପର୍କ ଦୁଇ ଥର ସ୍ଥାପନ ହୋଇଥିଲା । ପ୍ରଥମ ଥର ହିଜରତ୍ (ପ୍ରବାସ) ପୂର୍ବରୁ ହଜୁର ସ.ଅ ହଜରତ ଅବୁବକର ର.ଅ ଓ ହଜରତ ଉମର ର.ଅଙ୍କ ମଧ୍ୟରେ, ହଜରତ ହମଜାଃ ର.ଅଙ୍କର ହଜରତ ଜୈଦ ବିନ୍ ହାରସା ର.ଅଙ୍କ ସାଥିରେ ଏବଂ ହଜରତ ଉସମାନ ର.ଅଙ୍କର ହଜରତ ଅବଦୁର୍ ରହେମାନ୍ ବିନ୍ ଅୱ୍‌ଫ୍ ର.ଅଙ୍କ ସାଥିରେ । ହଜରତ ଜୁବେର୍ ର.ଅଙ୍କର ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ ର.ଅଙ୍କ ସାଥିରେ ଏବଂ ହଜରତ ଅଲୀ ର.ଅଙ୍କର ନିଜ ସାଥିରେ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ । ଦ୍ୱିତୀୟ ଥର ହିଜରତ୍ ପରେ ଅର୍ଥାତ ମଦିନାରେ ହଜୁର ସ.ଅ ହଜରତ ଅନସ୍ ବିନ୍ ମାଲିକ୍ ର.ଅଙ୍କ ଘରେ ୫୦ ଜଣ ମୁହାଜିର୍‌ମାନଙ୍କ ସାଥିରେ ଅନସାରମାନଙ୍କ ମୈତ୍ରିକ ସମ୍ପର୍କ ସ୍ଥାପନ କରିଥିଲେ ।

ବଦର ଯୁଦ୍ଧରେ ଯୋଗଦେବା ପୂର୍ବରୁ ସାହାବାଙ୍କ ନିକଟରେ ୭୦ଟି ଓଟ ରହିଥିଲା । ଗୋଟିଏ ଓଟ ଉପରେ ତିନି ତିନି ଜଣଙ୍କୁ ଜଣକ ପରେ ଜଣେ ଆରୋହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ହଜରତ ଅବୁବକର ର.ଅ, ହଜରତ ଉମର ର.ଅ ଏବଂ ହଜରତ ଅବଦୁର୍ ରହେମାନ୍ ବିନ୍ ଅୱ୍‌ଫ୍ ର.ଅଙ୍କ ପାଇଁ ମଧ୍ୟ ଗୋଟିଏ ଓଟ ଯୋଗାଇ ଦିଆଯାଇଥିଲା । ଉକ୍ତ ତିନିଜଣ ସାହାବା ପାଳିକରି ଆରୋହଣ କରୁଥିଲେ । ହଜୁର ସ.ଅ ନିଜ ସାହାବାମାନଙ୍କ ସାଥିରେ ଅବୁ ସୁଫିୟାନ୍‌ର ବ୍ୟବସାୟୀ ଦଳ ଯାହାକି ସିରିୟାରୁ ପ୍ରତ୍ୟାବର୍ତ୍ତନ କରୁଥିଲା, (ତାହାକୁ) ଅଟକାଇବା ପାଇଁ ମଦିନାରୁ ବଦର ଅଭିମୁଖେ ବାହାରି ଥିଲେ । କିନ୍ତୁ ଯେତେବେଳେ ଆପଣଙ୍କୁ ସୂଚନା ମିଳିଲା ଯେ କୁରୈଶ ମକ୍କାଙ୍କର ଏକ ସୈନ୍ୟ ଦଳ ଖୁବ୍ ତୀବ୍ର ବେଗରେ ଉକ୍ତ ବ୍ୟବସାୟୀ

ଦଳକୁ ସୁରକ୍ଷା ପ୍ରଦାନ କରିବା ସକାଶେ ଆସୁଛି । ଏପରି ପରିସ୍ଥିତିରେ ସଠିକ୍ ପଦକ୍ଷେପ ନେବା ପାଇଁ ହଜୁର[ସ.ଅ] ନିଜ ସାହାବାମାନଙ୍କ ଠାରୁ ପରାମର୍ଶ ଲୋଡ଼ିଲେ । ସାହାବାମାନଙ୍କ ଗୋଟିଏ ଦଳ ପରାମର୍ଶ ଦେଲେ ଯେ ଶତ୍ରୁକୁ ଛାଡ଼ି ଆମକୁ ବ୍ୟବସାୟୀ ଦଳ ଆଡ଼କୁ ଯିବା ଉଚିତ୍ । ଏଥିରେ ହଜୁର[ସ.ଅ] ପବିତ୍ର ମୁଖମଣ୍ଡଳ ପରିବର୍ତ୍ତିତ ହୋଇଗଲା । କିନ୍ତୁ ସେହି ମୁହୂର୍ତ୍ତରେ ହଜରତ ଅବୁବକର[ର.ଅ] ଓ ହଜରତ ଉମର[ର.ଅ] ବହୁମୂଲ୍ୟ ମନ୍ତବ୍ୟ ରଖିଥିଲେ । ହଜରତ ମିକଦାଦ୍ କହିଲେ, ହେ ଅଲ୍ଲାଃଙ୍କ ରସୁଲ[ସ.ଅ] ! ଅଲ୍ଲାଃତାଲା ଆପଣଙ୍କୁ ଯେଉଁ ମାର୍ଗ ଆଡ଼କୁ ଟାଣି ନେଉଛନ୍ତି ଆପଣ ତାହା ହିଁ କରନ୍ତୁ । ଅର୍ଥାତ ଅଲ୍ଲାଃଙ୍କ ଆଦେଶ ପାଳନ କରନ୍ତୁ । ଆମେ ଆପଣଙ୍କ ପଛରେ ରହି ଖଣ୍ଡା ଦ୍ୱାରା ଲଢ଼ି ଚାଲିବୁ । ଏପରିକି ଆମେ ବର୍‌କୁଲ୍ ଗୁମାଦ୍ ଠାରେ ପହଂଚିଯିବୁ । ବର୍‌କୁଲ୍ ଗୁମାଦ୍ ପବିତ୍ର ମକ୍କା ବସ୍ତି ଠାରୁ ୫ରାତ୍ରିର ଦୂରତାରେ ଅବସ୍ଥିତ ଏକ ସହର ଥିଲା । ଏଥିରେ ହଜୁର[ସ.ଅ] ପବିତ୍ର ମୁଖମଣ୍ଡଳ ଚମକି ଉଠିଲା ଏବଂ ହଜୁର[ସ.ଅ] ଏହି କଥା ଶୁଣି ଅତି ଆନନ୍ଦିତ ହେଲେ ।

ହଜରତ ଅବୁବକର [ର.ଅ]ଙ୍କ ବୀରତ୍ୱ ପ୍ରସଙ୍ଗରେ ହଜରତ ଅଲୀ [ର.ଅ]ଙ୍କର ବର୍ଣ୍ଣନା ଉଲ୍ଲେଖ ରହିଛି ଯେ ହଜରତ ଅଲୀ[ର.ଅ] ଏକଦା କହିଲେ; ସାହାବାମାନଙ୍କ ମଧ୍ୟରୁ ସର୍ବଶ୍ରେଷ୍ଠ ବୀର ଓ ସାହାସି ହଜରତ ଅବୁବକର[ର.ଅ] ଥିଲେ । ବଦର ଯୁଦ୍ଧ ଦିନ ଆମେ ହଜୁର [ସ.ଅ]ଙ୍କ ଶିବିର ତିଆରୀ କଲୁ ଏବଂ କହିଲୁ ଏବେ ହଜୁର [ସ.ଅ]ଙ୍କ ସୁରକ୍ଷା ଦାୟିତ୍ୱରେ କିଏ ମୁତୟନ ରହିବ । ଯଦ୍ୱାରା କୌଣସି ଅମାନ୍ୟକାରୀ ଯେପରି ଆପଣ [ସ.ଅ]ଙ୍କର ତିଳେ ମାତ୍ର ଅନିଷ୍ଟ କରି ପାରିବ ନାହିଁ । ଅଲ୍ଲାଃଙ୍କ ରାଣ ! ସେତେବେଳେ ଆମମାନଙ୍କ ମଧ୍ୟରୁ କେହି ଜଣେ ହେଲେ ମଧ୍ୟ ଏହି ଗୁରୁ ଦାୟିତ୍ୱକୁ ବହନ କରିବା ପାଇଁ ଆଗକୁ ପାଦ ବଢାଇଲେ ନାହିଁ । କିନ୍ତୁ ହଜରତ ଅବୁବକର[ର.ଅ] ନିଜ ଖଣ୍ଡା ଧରି ହଜୁର [ସ.ଅ]ଙ୍କ ନିକଟରେ ଛିଡ଼ା ହୋଇଗଲେ । ସେଥିଅନ୍ତେ ବେଶ୍ ଦାମ୍ଭିକତାର ସହିତ କହିଲେ; ହଜୁର [ସ.ଅ]ଙ୍କୁ କେହି ଜଣେ ହେଲେ ଅମାନ୍ୟକାରୀ ସ୍ପର୍ଶ କରିପାରିବ ନାହିଁ ଯେପର୍ଯ୍ୟନ୍ତ ସେ ମୋ ସହିତ ମୁକାବିଲା କରି ନାହିଁ ।

ହଜରତ ମୁସଲେହ ମଉଦ[ର.ଅ] ଏହି ପରିପ୍ରେକ୍ଷୀରେ କୁହନ୍ତି; ବଦର ଯୁଦ୍ଧ ଦିନ ଯେତେବେଳେ ହଜୁର [ସ.ଅ]ଙ୍କ ସକାଶେ ଏକ ଶିବିର ତିଆରୀ କରାଗଲା ସେତେବେଳର ଅତି ସଂଙ୍କଟାପର୍ଣ୍ଣ ଓ ଜଟିଳ ମୁହୂର୍ତ୍ତରେ ହଜୁର [ସ.ଅ]ଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ହଜରତ ଅବୁବକର[ର.ଅ] ନିଜ ଖଣ୍ଡା ଧରି ଅତି ବୀରତ୍ୱର ସହିତ ଛିଡ଼ା ହୋଇଗଲେ । **ସେହିଦିନ ସାରା ରାତି ହଜୁର[ସ.ଅ] ନିଜ ପ୍ରଭୁଙ୍କ ଶରଣେ ଅତି ଆତୁରତାର ସହିତ ଦୁଆ ପ୍ରାର୍ଥନା କରିବାରେ ବ୍ୟତୀତ କରିଥିଲେ ।** ସମ୍ପୂର୍ଣ୍ଣ ସେନା ବାହିନୀରେ କେବଳ ଆପଣ ଏକାକୀ ହିଁ ଥିଲେ ଯେ ସାରା ରାତି ଜାଗ୍ରତ ଅବସ୍ଥାରେ ଅତିବାହିତ କରିଥିଲେ ।

ହଜରତ ଅବଦୁଲ୍ଲାଃ ବିନ୍ ଅବବାସ୍[ର.ଅ] କୁହନ୍ତି; ବଦର ଯୁଦ୍ଧ ଦିନ ୧୦୦୦ ଅମାନ୍ୟକାରୀଙ୍କ ମୁକାବିଲାରେ ମାତ୍ର ୩୧୯ ଜଣ ସାହାବାଙ୍କୁ ଦେଖି ହଜୁର[ସ.ଅ] କିବ୍‌ଲା ଆଡ଼କୁ ବୁଲି ପଡ଼ିଲେ ଏବଂ ନିଜର ଦୁଇ ହସ୍ତ ପ୍ରସାରିତ କରି ନିଜ ସୃଷ୍ଟିକର୍ତ୍ତାଙ୍କ ସମକ୍ଷରେ ବାରମ୍ବାର ଦୁଆ କରୁଥିଲେ, ହେ ଅଲ୍ଲାଃ ! ତୁମେ ମୋ ସହିତ ଯେଉଁ ଅଙ୍ଗୀକାର କରିଅଛ ତାହା ପୂରଣ କରିଦିଅ । ଆଜି ଯଦି ତୁମେ ମୁସଲମାନମାନଙ୍କ ଏହି ଦଳକୁ ନଷ୍ଟ କରିଦିଅ ତେବେ ଭୂପୃଷ୍ଠରେ ଆଉ କେହି ତୁମର ଉପାସନା କରିବେ ନାହିଁ । ଏଥିରେ ହଜରତ ଅବୁବକର[ର.ଅ] କହିଲେ; ହେ ଅଲ୍ଲାଃଙ୍କ ରସୁଲ ! ଆପଣ ନିଜ ପ୍ରଭୁଙ୍କ ନିକଟରେ ଯେଉଁ ଆକୁଳ ଦୁଆ ପ୍ରାର୍ଥନା କରୁଛନ୍ତି, ତାହା ଯଥେଷ୍ଟ । ଏଥିରେ ଅଲ୍ଲାଃତାଲା ଏହି ଆୟତ ଅବତୀର୍ଣ୍ଣ ହେଲା

إِذْ تَسْتَغِيثُونَ رَبَّكُمْ فَاسْتَجَابَ لَكُمْ أَنِّي مُمِدُّكُم بِأَلْفٍ مِّنَ الْمَلَائِكَةِ مُرْدِفِينَ ⑩

ଇଜ୍ ତସ୍‌ତଗିସୁନା ରବ୍‌ବକୁମ୍ ଫସ୍‌ତଜାବଲକୁମ୍ ଅନ୍ନି ମୁମିଦ୍‌ଦୁକୁମ୍ ବିଅଲ୍‌ଫିମ୍ ମିନଲ୍ ମଲାଇକତି ମୁର୍‌ଦିଫିନ୍ (ଅନ୍‌ଫାଲ ୯) ଅର୍ଥାତ (ଏବଂ ସେହି ସମୟକୁ ମଧ୍ୟ ସ୍ମରଣ କର) ଯେତେବେଳେ ତୁମେମାନେ ନିଜ ପାଳନକର୍ତ୍ତାଙ୍କର ସାହାଯ୍ୟ ଭିକ୍ଷା କରୁଥିଲ, ସେତେବେଳେ ସେ ତୁମମାନଙ୍କର ପ୍ରାର୍ଥନାକୁ ଗ୍ରହଣ କରି କହିଥିଲେ, "ଆମ୍ଭେ ତୁମମାନଙ୍କୁ ଏକ ସହସ୍ର ଦେବଦୂତଙ୍କ ଦ୍ୱାରା ସାହାଯ୍ୟ କରିବୁ, ଯେଉଁମାନଙ୍କ ସୈନ୍ୟ ଦଳର ଉତ୍ତରୋତ୍ତର ବୃଦ୍ଧି ହେଉଥିବ ।

ବଦର ଯୁଦ୍ଧ ଦିନ ଯେତେବେଳେ ଘସାଶାନ ଯୁଦ୍ଧ ଆରମ୍ଭ ହୋଇଗଲା ସେତେବେଳେ ହଜୁର[ସ.ଅ] ନିଜ ଶିବିର ମଧ୍ୟରୁ

ବାହାରକୁ ଚାଲି ଆସିଲେ ଏବଂ ମୁସଲମାନମାନଙ୍କୁ (ପ୍ରଭୁଙ୍କ ମାର୍ଗରେ) ଜିହାଦ କରିବା ପାଇଁ ପ୍ରୋତ୍ସାହିତ କଲେ । ମୁସଲମାନମାନେ ନିଜ ନିଜ ଧାଡ଼ିରେ ପରମେଶ୍ୱରଙ୍କ ପ୍ରଶଂସା ଗାନ କରୁଥିଲେ । ହଜୁର[ସ.ଅ] ସ୍ୱୟଂ ସେମାନଙ୍କୁ ଜିହାଦ୍‌ର ବିଶେଷତ୍ୱ ବୁଝାଇଲେ ଏବଂ ହଜରତ ଅବୁବକର[ର.ଅ] ଆପଣଙ୍କ ଆଖପାଖରେ ରହି ଯୁଦ୍ଧ ଲଢିଥିଲେ । ରଣକ୍ଷେତ୍ରରେ ହଜରତ ଅବୁବକର [ର.ଅ]ଙ୍କ ଅଭୂତପୂର୍ବ ଯୁଦ୍ଧ ପ୍ରବୀଣତା ଓ ବୀରତ୍ୱ ସର୍ବସମ୍ମୁଖରେ ପ୍ରକାଶ୍ୟ ହୋଇଯାଇଥିଲା । ଆପଣ ପ୍ରତ୍ୟେକ ଦୁର୍ବୃତ୍ତ ଓ ମନ୍ଦ ସ୍ୱଭାବୀ ବିପକ୍ଷରେ ଲଢିବା ପାଇଁ ପ୍ରତିଶୃତିବଦ୍ଧ ଥିଲେ, ଏପରିକି ସେ ଆପଣଙ୍କ ନିଜ ପୁତ୍ର କାହିଁ ନହେଉ । ହଜରତ ଅବୁବକର [ର.ଅ]ଙ୍କ ପୁତ୍ର ଅବଦୁର୍ ରହେମାନ୍ ଅମାନ୍ୟକାରୀଙ୍କ ସାଥିରେ ଯୁଦ୍ଧ ଲଢିବା ପାଇଁ ଆସିଥିଲା । ଯେତେବେଳେ ସେ ଇସଲାମ ଧର୍ମରେ ଦିକ୍ଷୀତ ହେଲେ ସେତେବେଳେ ସେ ନିଜ ପିତାଙ୍କୁ କହିଲେ; ବଦର ଯୁଦ୍ଧ ଦିନ ଆପଣ ମୋ ସମ୍ମୁଖରେ ଥିଲେ କିନ୍ତୁ ମୁଁ ଆପଣଙ୍କୁ ହତ୍ୟା କଲି ନାହିଁ । ଏଥିରେ ହଜରତ ଅବୁବକର[ର.ଅ] କହିଲେ; **ପରମେଶ୍ୱର ତୁମକୁ ସତ୍‌ମାର୍ଗ ଆଡ଼କୁ ଆକର୍ଷିତ କରିବା ନିୟତିକୃତ ଥିଲା ଯେଉଁଥିପାଇଁ ତୁମେ ବର୍ତ୍ତିଗଲ ନଚେତ୍ ପ୍ରଭୁଙ୍କ ରାଣ ! ଯଦି ମୁଁ ତୁମକୁ ଦେଖିଥାନ୍ତି ତେବେ ନିଶ୍ଚିତ ନିହତ କରି ଦେଇଥାନ୍ତି ।**

ମଦିନା ପହଂଚିବା ପରେ ହଜରତ ଅବୁବକର[ର.ଅ] ହଜୁର [ସ.ଅ]ଙ୍କୁ ପରାମର୍ଶ ଦେଲେ ଯେ ବଦର ଯୁଦ୍ଧର କଏଦୀମାନଙ୍କ ଠାରୁ ଫିଦ୍‌ୟା (ଶୁଳ୍କ) ହାସଲ କରି ସେମାନଙ୍କୁ ମୁକ୍ତ କରିଦେବା ଉଚିତ୍ । କାରଣ ସମ୍ଭବତଃ ଏହିମାନଙ୍କ ମଧ୍ୟରୁ ଆସନ୍ତାରେ ଇସଲାମର ଉତ୍ସର୍ଗୀ ସୃଷ୍ଟି ହୋଇଯିବେ । କିନ୍ତୁ ହଜରତ ଉମର[ର.ଅ] ଏହି ରାୟ ବିପରୀତ ମତ ପ୍ରକାଶ କରି କହିଲେ; ଏ ସମସ୍ତଙ୍କୁ ହତ୍ୟା କରିଦେବା ଉଚିତ୍ । ପରିଶେଷରେ ହଜୁର[ସ.ଅ] ନିଜ ସ୍ୱଭାବ ଅନୁଯାୟୀ ହଜରତ ଅବୁବକର [ର.ଅ]ଙ୍କ ପରାମର୍ଶକୁ ପସନ୍ଦ କରିଥିଲେ । ଅତଏବ ଆପଣ ଆଦେଶ ଦେଲେ ଯେଉଁ ଅମାନ୍ୟକାରୀମାନେ ଫିଦ୍‌ୟା ପୈଠ କରିଦିଅନ୍ତି, ତାଙ୍କୁ ମୁକ୍ତ କରିଦିଅ । ପରବର୍ତ୍ତୀ ସମୟରେ ଏହି ଆଦେଶ ମୁତାବକ ଐଶୀବାଣୀ ମଧ୍ୟ ଅବତୀର୍ଣ୍ଣ ହେଲା ।

ଓ୍ୱହଦ ଯୁଦ୍ଧ ମୁସଲମାନ ଓ କୁରୈଶ ମକ୍କାଙ୍କ ମଧ୍ୟରେ ଘଟିଥିଲା । ଗୋଟିଏ ସ୍ୱପ୍ନର ଆଧାରରେ ହଜୁର[ସ.ଅ] ମଦିନାରେ ରହି ଅମାନ୍ୟକାରୀଙ୍କ ମୁକାବିଲା କରିବାକୁ ପ୍ରଯୁଜ୍ୟ ମଣୁଥିଲେ କିନ୍ତୁ ଅଧିକାଂଶ ଯୁବଗୋଷ୍ଠୀ ତଥା ସହାବାଙ୍କର ଖୋଲା ପଡ଼ିଆରେ ଯାଇ ଶତ୍ରୁର ମୁକାବିଲା କରିବାକୁ ଜୋର ଦେବା ଓ ଯୁଦ୍ଧ ପ୍ରତି ସେମାନଙ୍କ ଉତ୍କଣ୍ଠା ଓ ବ୍ୟଗ୍ରତା ଦେଖି ହଜୁର[ସ.ଅ] ସେମାନଙ୍କ କଥାରେ ରାଜି ହୋଇଗଲେ । ଯେତେବେଳେ ଆପଣ ନିଜ ଅସ୍ତ୍ର ଧରି ଅଲ୍ଲାଃଙ୍କ ନାମ ନେଇ ବାହାରକୁ ବାହାରିଲେ । ସେତେବେଳେ କିଛି ସାହାବା ଆପଣଙ୍କ ସମ୍ମୁଖରେ ଉପସ୍ଥିତ ହୋଇ କହିଲେ; ଯୁବଗୋଷ୍ଠୀ ନିଜ ମନ୍ତବ୍ୟ ପାଇଁ ଅନୁତପ୍ତ । ବର୍ତ୍ତମାନ ସେମାନେ ନିଜ ଭୁଲକୁ ହୃଦୟଙ୍ଗମ କରି ନିବେଦନ କରିଛନ୍ତି, ଯେ ଆପଣ[ସ.ଅ] ଯେପରି ଉଚିତ୍ ମଣୁଛନ୍ତି ପଦକ୍ଷେପ ଗ୍ରହଣ କରନ୍ତୁ । ସେମାନେ ଆପଣଙ୍କ ସାଥିରେ ଅଛନ୍ତି । ଏଥିରେ ହଜୁର[ସ.ଅ] ଉତ୍ତର ଦେଲେ, ଏହା ପ୍ରଭୁଙ୍କ ନବୀର ମର୍ଯ୍ୟାଦା ବିପରୀତ ଯେ ସେ ଏକ ନିଷ୍ପତ୍ତି ନେଇ ପରେ ସେଥିରୁ ଓହରି ଯିବ । ଏହା ପୂର୍ବରୁ କି ଐଶ୍ୱର୍ଯ୍ୟମୟ ପ୍ରଭୁ କୌଣସି ଫଳାଫଳ ବାହାର କରିଦିଅନ୍ତୁ । **ସୁତରାଂ ବର୍ତ୍ତମାନ ଯଦି ତୁମେ ଧୈର୍ଯ୍ୟ ରକ୍ଷା କର ତେବେ ଭଲ ଭାବରେ ଜାଣି ଯେ ଦୟାମୟ ପ୍ରଭୁଙ୍କ ଅନୁକମ୍ପା ଓ ସାହାଯ୍ୟ ତୁମ ସାଥିରେ ରହିଛି ।**

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଉଲ୍ଲେଖ କରିଛନ୍ତି, ଓ୍ୱହଦ ଯୁଦ୍ଧ ଦିନ ହଜୁର [ସ.ଅ]ଙ୍କ ଚତୁର୍ପାର୍ଶ୍ୱରେ ସାହାବାମାନେ ଯେଉଁ ଉତ୍ସର୍ଗତାର ନମୁନା ପ୍ରଦର୍ଶନ କରିଥିଲେ ଇତିହାସ ପୃଷ୍ଠାରେ ତାହାର କୌଣସି ଉଦାହରଣ ମିଳୁ ନାହିଁ । ସେମାନେ ପ୍ରଜାପତି ପରି ଆପଣଙ୍କ ସୁରକ୍ଷା ଖାତିର ନିଜ ଜୀବନ ଅର୍ପଣ କରି ଦେଇଥିଲେ । ଆପଣ [ସ.ଅ]ଙ୍କ ଉପରେ ଯେଉଁ ଆକ୍ରମଣ ହେଉଥିଲା ତାହାକୁ ସେମାନେ ନିଜ ଉପରକୁ ପାଛୋଟି ନେଉଥିଲେ ଏବଂ ଶତ୍ରୁର ପ୍ରତିରୋଧ କରୁଥିଲେ । ଏପରି ଗୋଟିଏ ସମୟ ଆସିଲା ଯେତେବେଳେ ହଜୁର [ସ.ଅ]ଙ୍କ ନିକଟରେ ମାତ୍ର ଦୁଇ ଜଣ ମୁସଲମାନ ରହି ଯାଇଥିଲେ । ସେହି ଉତ୍ସର୍ଗୀମାନଙ୍କ ମଧ୍ୟରେ ହଜରତ ଅବୁବକର[ର.ଅ], ହଜରତ ଅଲୀ[ର.ଅ], ହଜରତ ଜୁବେର୍[ର.ଅ], ହଜରତ ସାଦ୍ ବିନ୍ ଓ୍ୱକାସ୍[ର.ଅ], ଅବୁ ଦଜାନାଃ ଅନସାରୀ[ର.ଅ], ହଜରତ ସାଦ୍ ବିନ୍ ମାଜ୍[ର.ଅ] ଓ ହଜରତ ତଲହା ଅନସାରୀ[ର.ଅ] ଆଦି ସାହାବାଗଣ ରହିଯାଇଥିବାର ବର୍ଣ୍ଣନା ମିଳୁଅଛି ।

ଓ୍ୱହଦ ଯୁଦ୍ଧ ସମୟରେ ହଜୁର [ସ.ଅ]ଙ୍କର ପବିତ୍ର ଦାନ୍ତ ଶହିଦ୍ ହୋଇଯାଇଥିଲା ଏବଂ ଆପଣଙ୍କ ମୁଖମଣ୍ଡଳ ମଧ୍ୟ ଆଘାତ ହୋଇଥିଲା । ଆପଣଙ୍କ ଗାଲରେ ଆପଣଙ୍କ ପରିହିତ ମୁକୁଟର କଡ଼ା ପ୍ରବିଷ୍ଟ ହୋଇଯାଇଥିଲା । ବସ୍ତୁତଃ ହଜରତ ଅବୁ ଉବେଦାଃ[ର.ଅ] ତାହାକୁ ନିଜ ଦାନ୍ତରେ ଟାଣି ବାହାର କରିବାକୁ ଚେଷ୍ଟା କରିଥିଲେ । ଏଥିରେ ତାଙ୍କ ସମ୍ମୁଖର ଦାନ୍ତ ଭାଙ୍ଗି ଯାଇଥିଲା । ଏହା ସତ୍ୱେ ସେ ଅନ୍ୟମାନଙ୍କ ତୁଳନାରେ ଅତି ସୁନ୍ଦର ଦେଖା ଯାଉଥିଲେ । ସେଥିଅନ୍ତେ ହଜରତ ଅବୁ ଉବେଦାଃ[ର.ଅ] ହଜରତ ଅବୁବକର [ର.ଅ]ଙ୍କ ସାଥିରେ ହଜରତ ତଲ୍‌ହା [ର.ଅ]ଙ୍କ ନିକଟରେ ପହଂଚିଲେ, ଯାହାଙ୍କ ଶରୀରରେ ବର୍ଚ୍ଛା, ଖଣ୍ଡା ଓ ତୀର ଆଦିର ଅତି କମ୍‌ରେ ୭୦ଗୋଟି ଆଘାତ ଲାଗିଥିଲା ଏବଂ ତାଙ୍କ ଆଙ୍ଗୁଳି ମଧ୍ୟ କଟି ଯାଇଥିଲା । ଅତଏବ ସେ ତାଙ୍କର ଉପଚାର କଲେ ।

ଓ୍ୱହଦ ଯୁଦ୍ଧ ସମୟରେ ଯେତେବେଳେ କୁହ୍ ପର୍ବତ ପାର୍ଶ୍ୱରେ ମୁସଲମାନମାନଙ୍କ ଅବଶିଷ୍ଟ ସୈନ୍ୟଦଳ ଶରଣ ନେଇ ବସିଥିଲେ ସେତେବେଳେ ଅବୁ ସୁଫିୟାନ୍ ଅତି ଉଚ୍ଚ ସ୍ୱରରେ କହିଲା; ଆମେମାନେ ଆଜି ମୁହମ୍ମଦକୁ ହତ୍ୟା କରିଦେଲୁ ଏବଂ ଅବୁବକର ଓ ଉମରକୁ ମଧ୍ୟ ନିହତ କରିଦେଲୁ । ହଜୁର [ସ.ଅ]ଙ୍କ ଆଦେଶକ୍ରମେ ସାହାବାମାନେ ତାହାର କୌଣସି ଉତ୍ତର ଦେଲେ ନାହିଁ । ବସ୍ତୁତଃ ସେମାନେ ନିଜ କଥାକୁ ସତ ମଣି ଆନନ୍ଦରେ ଉଲୁ ହୁବୁଲ୍, ଉଲୁ ହୁବୁଲ୍‌ର ଶ୍ଳୋଗାନ ଦେବା ଆରମ୍ଭ କଲେ ଅର୍ଥାତ୍ ଆଦର ସତ୍କାରପୂର୍ଣ୍ଣ ଠାକୁର ହୁବୁଲ୍'ର ଜୟ ହେଉ ଯେ ଆଜି ଇସଲାମର ମୂଳୋତ୍ପାଟନ କରିଦେଲା । ଏଠାରେ ଯେହେତୁ ପ୍ରଭୁଙ୍କ ଏକେଶ୍ୱରବାଦ ପ୍ରତି ପ୍ରଶ୍ନ ଉଠୁଥିଲା ଏବଂ ରଣକ୍ଷେତ୍ରରେ ଶିରକ୍‌ର ନାରା ଗୁଞ୍ଜରିତ ହେଉଥିଲା । ସୁତରାଂ ହଜୁର [ସ.ଅ]ଙ୍କ ଆଦେଶକ୍ରମେ ସାହାବାମାନେ ତାହାର ଅତି ଉତ୍ସାହ ପୂର୍ଣ୍ଣ ଉତ୍ତର ଦେଲେ ଅଲ୍ଲାହୁ ଆଲା ଓ ଅଜଲ୍, ଅଲ୍ଲାହୁ ଆଲା ଓ ଅଜଲ୍ ଅର୍ଥାତ୍ ଅଲ୍ଲାଃ ଏକ ଓ ଅଦ୍ୱିତୀୟ । ସକଳ ପ୍ରଶଂସା ତାଙ୍କ ପାଇଁ ଉଦ୍ଦିଷ୍ଟ ଏବଂ ସେ ହିଁ ମହାନ । ଏହା ଅମାନ୍ୟକାରୀ ସୈନ୍ୟ ଦଳଙ୍କୁ ଏଭଳି ଗଭୀର ରୂପେ ପ୍ରଭାବିତ କଲା ଯେ ସେମାନଙ୍କ ହୃଦୟ ପ୍ରକମ୍ପିତ ହୋଇ ଉଠିଲା ଏବଂ ସେମାନେ ଆଉ ସମୟ ବ୍ୟତୀତ ନକରି ଶୀଘ୍ର ମକ୍କା ଫେରିଯିବାକୁ ଉପଯୁକ୍ତ ମଣିଲେ । କିନ୍ତୁ ହଜୁର[ସ.ଅ] ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ପଛରେ ୭୦ଜଣ ସାହାବୀଙ୍କୁ ଛାଡ଼ିଥିଲେ । ଯେଉଁମାନଙ୍କ ମଧ୍ୟରେ ହଜରତ ଅବୁବକର[ର.ଅ] ଓ ହଜରତ ଜୁବେର୍[ର.ଅ] ସାମିଲ ଥିଲେ । ହଜୁର[ସ.ଅ] ତାଙ୍କୁ କହିଥିଲେ; ଦେଖିବ ଯଦି ଅମାନ୍ୟକାରୀମାନେ ଓଟ ଉପରେ ଆରୋହଣ କରିଥିବେ ଏବଂ ନିଜ ଘୋଡ଼ାଗୁଡ଼ିକୁ ଖାଲି ଚଲାଉ ଥିବେ ତେବେ ଜାଣି ନେବ ଯେ ସେମାନେ ମକ୍କା ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଆଉ ଯଦି ଘୋଡ଼ା ଉପରେ ଆରୋହଣ କରିଥିବେ ତେବେ ଜାଣି ନେବ ଯେ ସେମାନଙ୍କ ଉଦ୍ଦେଶ୍ୟ ମନ୍ଦ ଅଟେ । ସେଥିଅନ୍ତେ ହଜୁର[ସ.ଅ] ଅତି ଉତ୍ତେଜିତ ଶୈଳୀରେ କହିଲେ; ଯଦି କୁରୈଶ ବର୍ତ୍ତମାନ ମଦିନା ଉପରେ ଆକ୍ରମଣ କରନ୍ତି ତେବେ ପ୍ରଭୁଙ୍କ ରାଣ ! **ଆମେ ତାଙ୍କର ମୁକାବିଲା କରି ସେମାନଙ୍କୁ ତାହାର ମଜା ଚଖେଇବା ।** ସେ ଯାହା ହେଉ ଅତି ଶୀଘ୍ର ଏହି ସୂଚନା ମିଳିଗଲା ଯେ ଅମାନ୍ୟକାରୀମାନେ ମକ୍କା ଫେରିଗଲେ । ପ୍ରିୟ ହଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ଅବୁବକର [ର.ଅ]ଙ୍କ ଜୀବନୀ ପ୍ରସଙ୍ଗରେ ଆହୁରି ଅନେକ କିଛି ରହିଛି ଯାହାକି ଇନ୍‌ଶା ଅଲ୍ଲାଃ ଆଗାମୀ ଖୁତବାରେ ଚର୍ଚ୍ଚା ହେବ ।

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

21 th January 2022